# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 27 December - 2024
### News Editor : *Itishree Singh Rathaur*

# ମନମୋହନ ସିଂହଙ୍କ ପରଲୋକ

ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଡକ୍ଟର ମନମୋହନ ସିଂହଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୋକବ୍ୟକ୍ତ କରିବା ସହିତ ଦେଶପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ସ୍ୱର୍ଗତ ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଭାବେ ଦେଶର ଗରିବ ଓ ସାଧାରଣ ଲୋକମାନଙ୍କର ଉତ୍‌ଥାନ ପାଇଁ ଅନେକ କାର୍ଯ୍ୟ କରିଥିଲେ । ଡକ୍ଟର ମନମୋହନ ସିଂହ ୧୯୯୧ ମସିହାରୁ ୧୯୯୬ ମସିହା ପର୍ଯ୍ୟନ୍ତ କେନ୍ଦ୍ର ସରକାରରେ ଅର୍ଥମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ । ଖ୍ୟାତିନାମା ରାଜନେତା ରୂପେ ପରିଚିତ ସ୍ୱର୍ଗତ ମନମୋହନ ସିଂହ ୨୦୦୪ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ ଦେଶର ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ ଗତକାଲି ରାତିରେ ୯୨ ବର୍ଷରେ ନୂଆଦିଲ୍ଲୀରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ଆଜିଠାରୁ ଆସନ୍ତା ୭ ଦିନ ପାଇଁ ମନମୋହନ ସିଂହଙ୍କ ପରଲୋକରେ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଅର୍ଥନୀତି କ୍ଷେତ୍ରରେ ଡକ୍ଟର ମନମୋହନ ସିଂହଙ୍କର ଜ୍ଞାନ ଓ ଦକ୍ଷତା ପାଇଁ ପୃଥିବୀରେ ସମ୍ମାନର ଅଧିକାରୀ ହୋଇପାରିଥିଲେ ।

## ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିବେ । ଶ୍ରୀ ଶାହା ଆସନ୍ତାକାଲି ସଂଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ରବିବାର ଦିନ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ଦଳୀୟ ଓ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ ସିଂ ତୋମାର କହିଛନ୍ତି।

# ପ୍ରଭାରି ମନ୍ତ୍ରୀ ଦାୟିତ୍ୱ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କ ମନ୍ତ୍ରିମଣ୍ଡଳର ୨ଜଣ ଉପମୁଖ୍ୟମନ୍ତ୍ରୀ ଏବଂ ୧୩ଜଣ ମନ୍ତ୍ରୀଙ୍କୁ ସମସ୍ତ ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ଭାବେ ଅଲଗା ଅଲଗା ଦାୟିତ୍ୱ ଦେଇଛନ୍ତି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ କଟକ ଏବଂ ଜଗତ୍‌ସିଂହପୁର ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ଦାୟିତ୍ୱ ଦିଆଯାଇଥିବାବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାର ଦାୟିତ୍ୱ ଦିଆଯାଇଛି । ଅନ୍ୟ ୧୩ଜଣ ମନ୍ତ୍ରୀଙ୍କୁ ଅବଶିଷ୍ଟ

ଜିଲ୍ଲାର ପୃଥକ୍ ପୃଥକ୍ ପ୍ରଭାରୀ ମନ୍ତ୍ରୀ ଦାୟିତ୍ୱ ଦିଆଯାଇଛି । ପ୍ରଭାରୀ ମନ୍ତ୍ରୀ ମାନଙ୍କର ଜିଲ୍ଲାର ଦାୟିତ୍ୱକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଅନୁଧାନ କରିବେ ।

## ଶ୍ରୀମନ୍ଦିର- ଧାଡ଼ିଦର୍ଶନ

ପୁରୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁମାନଙ୍କର ସୁରକ୍ଷିତ ଏବଂ ସୁବିଧା ଦର୍ଶନ ପାଇଁ ଆସନ୍ତା ଜାନୁଆରୀ ମାସ ୨୦ରୁ ୨୨ ତାରିଖ ମଧ୍ୟରେ ଧାଡ଼ି ଦର୍ଶନ ପୂର୍ଣ୍ଣାଙ୍ଗ ଭାବେ ଲାଗୁ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆସନ୍ତାକାଲିଠାରୁ ଶ୍ରୀମନ୍ଦିରରେ ପରୀକ୍ଷାମୂଳକ ଭାବେ ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବା ପାଇଁ ଦିନଧାର୍ଯ୍ୟ ହୋଇଥିଲା ।

# ଫସଲ କ୍ଷୟକ୍ଷତି-ବୈଠକ

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କର ଅଧ୍ୟକ୍ଷତାରେ ଗତକାଲି ଅଦିନିଆ ବର୍ଷାଜନିତ ଫସଲ କ୍ଷୟକ୍ଷତିକୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ କରାଯାଇଛି । ବୈଠକରେ ସବୁ ଜିଲ୍ଲାର ଜିଲ୍ଲାପାଳମାନେ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜିକୃତ ଚାଷୀମାନଙ୍କୁ ବୀମା ସହାୟତା ପାଇବାପାଇଁ ୩ ଦିନ ମଧ୍ୟରେ କ୍ଷୟକ୍ଷତିର ସୂଚନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଧାନ ଫସଲ କ୍ଷତି ଆକଳନ

ଲଗାଣ ବର୍ଷା ଯୋଗୁଁ ଧାନ ଫସଲର କ୍ଷତିକୁ ଆକଳନ କରିବା ପାଇଁ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅଞ୍ଚଳରେ ଗତକାଲିଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଜସ୍ୱ ଓ କୃଷି ବିଭାଗର ଅଧିକାରୀମାନେ ବିଭିନ୍ନ ଗ୍ରାମକୁ ଯାଇ କ୍ଷୟକ୍ଷତି ଆକଳନ କରି ତଥ୍ୟ ସଂଗ୍ରହ କରୁଛନ୍ତି ।

# ଚଇତି ଲୋକ ମହୋତ୍ସବ

ରାୟଗଡା ଜିଲ୍ଲାର ଗଣପର୍ବ ଚଇତି ଲୋକ ମହୋତ୍ସବ ଗତକାଲି ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣି ମନ୍ଦିର ପ୍ରାଙ୍ଗଣରୁ ଚଇତି ମଶାଲ ଏବଂ କଳସ ଯାତ୍ରା ଆରମ୍ଭ ହୋଇ ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା । ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସମେତ ରାୟଗଡା ଏବଂ ଗୁଣପୁର ବିଧାୟକ ଶୋଭାଯାତ୍ରାରେ ସାମିଲ ଥିଲେ ।

## ହକି ଲିଗ୍

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମଠାରେ ଆସନ୍ତାକାଲିଠାରୁ ହକି ଇଣ୍ଡିଆ ଲିଗ୍-୨୦୨୪-୨୫ ଖେଳାଯିବ। ଦୁଇଟି ପର୍ଯ୍ୟାୟରେ ମ୍ୟାଚ୍ ଖେଳାଯିବ। ପ୍ରଥମ ପର୍ଯ୍ୟାୟରେ ଆସନ୍ତାକାଲିଠାରୁ ଜାନୁଆରୀ ମାସ ୧୮ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ମାସ ୧୯ ତାରିଖଠାରୁ

ଖେଳାଯିବ। ଜାନୁଆରୀ ମାସ ୩୧ ତାରିଖରେ ସେମିଫାଇନାଲ ମ୍ୟାଚ୍ ଗୁଡ଼ିକ ଆରମ୍ଭ ହେବ। ଫାଇନାଲ ମ୍ୟାଚ୍ ଫେବୃଆରୀ ମାସ ୧ ତାରିଖରେ ଖେଳାଯିବ। ସମୁଦାୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରୁ ୪ଟି ମ୍ୟାଚ୍ ରାଞ୍ଚିରେ ଖେଳାଯିବ ଏବଂ ଅନ୍ୟ ସମସ୍ତ ମ୍ୟାଚ୍ ରାଉରକେଲାରେ ଖେଳାଯିବ। ଅନ୍ୟପକ୍ଷରେ ଗତକାଲି କଳିଙ୍ଗ ଷ୍ଟାଡିୟମ୍‌ଠାରେ ହକି ଇଣ୍ଡିଆ ଲିଗ୍‌ର ଜର୍ସି ଓ ମାସ୍କଟକୁ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉନ୍ମୋଚନ କରିଛନ୍ତି।

## ସୁଭଦ୍ରା

ସୁଭଦ୍ରା ଯୋଜନା ସମ୍ପର୍କିତ ଅଭିଯୋଗର ଶୁଣାଣି ପାଇଁ ସୁଭଦ୍ରା ଶିବିର ଆୟୋଜନ କରିବା ପାଇଁ ଯୋଜନାର ଦ୍ୱିତୀୟ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଛି । ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ପଠାଯିବା ନେଇ ଆଲୋଚନା ହୋଇଥିଲା ।

## ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସକ୍ରିୟ ଲଘୁଚାପ ଦୁର୍ବଳ ହେବା ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ରବିବାର ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି । ଆସନ୍ତାକାଲି ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ନୂଆପଡା, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ସ୍ୱଳ୍ପ ବର୍ଷାର ଅନୁମାନ କରାଯାଇଛି ।